# ଏକ ନମ୍ବରୀ ନୃସିଂହ ଗୁରୁ

**ଭାଗବତ ପ୍ରସାଦ ନନ୍ଦ**

ସମ୍ବଲପୁର ଅଂଚଳର ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ସାମ୍ବାଦିକ ସ୍ୱର୍ଗତ ନୃସିଂହ ଗୁରୁ ଜଣେ ଏକ ନମ୍ବରୀ ବ୍ୟକ୍ତି ଥିଲେ । ଦୁଇ ନମ୍ବର ବ୍ୟକ୍ତି ହେବା ପାଇଁ ତାଙ୍କର ବହୁ ସୁଯୋଗ ରହିଥିଲା କିନ୍ତୁ ସେହି ସବୁ ସୁଯୋଗକୁ ପଦାଘାତ କରି ଏକନମ୍ବରୀ ବ୍ୟକ୍ତି ଭାବରେ ନିଜକୁ ପ୍ରତିଷ୍ଠିତ କରାଇ ଇହ ଜଗତରୁ ବିଦାୟ ନେଲେ । ବର୍ତ୍ତମାନ ଦୁନିଆଁରେ ଏକନମ୍ବରୀ ବ୍ୟକ୍ତି ଭାବରେ ନିଜକୁ ପରିଚାଳିତ କରିବା ଏକ କଷ୍ଟକର ବ୍ୟାପାର । ଅନେକ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡେ । ଲୋଭ,ମୋହ ଓ କାମନା ତ୍ୟାଗ କରିବାକୁ ହୁଏ । ଏସବୁ କାର୍ଯ୍ୟ ସ୍ୱର୍ଗତ ଗୁରୁ ନିଜ ଜୀବନରେ ପ୍ରତିଫଳିତ କରାଇ ଜଣେ ଏକନମ୍ବରୀ ବ୍ୟକ୍ତି ହୋଇ ପାରିଥିଲେ । ସେଥିପାଇଁ ତାଙ୍କ ପ୍ରତି ମୋର ବ୍ୟକ୍ତିଗତ ଶ୍ରଦ୍ଧା ଯଥେଷ୍ଟ ଥିଲା । ବର୍ତ୍ତମାନ ଦୁନିଆଁରେ ଏକନମ୍ବରୀ ବ୍ୟକ୍ତି ବହୁତ ବିରଳ । ତାହେଲେ ଏକନମ୍ବରୀ ବ୍ୟକ୍ତି ମାନେ କଣ ? ମୋର ମତରେ ଯେଉଁ ବ୍ୟକ୍ତି ନିଜର ପରିଶ୍ରମ ବଳରେ ଅନ୍ୟକୁ ନ ଠକି ଜୀବନ ନିର୍ବାହ କରେ ସେ ହେଉଛି ଏକ ନମ୍ବରୀ ବ୍ୟକ୍ତି । ସ୍ୱର୍ଗତ ନୃସିଂହ ଗୁରୁ ତାଙ୍କ ଜୀବନ କାଳ ଭିତରେ କାହାକୁ ଠକି ଥିବା ଜଣା ନାହିଁ । ନିଜର ପରିଶ୍ରମ ବଳରେ ସାରା ଜୀବନ ତାଙ୍କ ପରିବାର ଚଳାଇଛନ୍ତି । ଅଭାବ ହେଲେ ଲୋକଙ୍କ ଠାରୁ ଧାର ନେଇଛନ୍ତି । ତାକୁ ପରିଶୋଧ କରିଛନ୍ତି । ଠିକ୍ ସମୟରେ ପରିଶୋଧ କରି ନ ପାରିଲେ ନିଜର ଅକ୍ଷମତା ଜଣାଇବାକୁ ଆସୁଥିଲେ ଓ ପରେ ପରିଶୋଧ କରୁଥିଲେ । ଏହିପରି କେତୋଟି ଘଟଣା ଲାଲା ମେହେର ମୋତେ କହୁଥିଲେ । ଏହା ମଣିଷ ପକ୍ଷରେ ଏକ ଅନନ୍ୟ ଗୁଣ ।

ସ୍ୱାଧୀନତା ସଂଗ୍ରାମୀ ଭାବରେ କୌଣସି ସୁବିଧାସୁଯୋଗ ସରକାରଙ୍କ ପାଖରୁ ନେଇ ନାହାଁନ୍ତି । ସେହିପରି ସାମ୍ବାଦିକ ଭାବରେ ମଧ୍ୟ କାହାଠାରୁ କେଉଁ ପ୍ରକାର ସୁବିଧା ନେଉଥିବା, କମ୍‌ସେ କମ୍ ମୁଁ ଜାଣି ନାହିଁ ।

ଯେଉଁ ବ୍ୟକ୍ତି ଦୀର୍ଘ ୫୦ ବର୍ଷ ଧରି ଦୈନିକ ସମାଜ ପରି ପ୍ରତିଷ୍ଠିତ ଖବରକାଗଜର ପ୍ରତିନିଧି ସେହି ବ୍ୟକ୍ତି କାହାଠାରୁ ଅନୁଗୃହିତ ନ ହେବା ଏକ ଆଦର୍ଶ ଜୀବନର ଉଦାହରଣ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ପୁଣି ସେ ଦୀର୍ଘ ୩୦ ବର୍ଷ ଧରି ପି. ଟି. ଆଇ. ର ପ୍ରତିନିଧି ଥିଲେ । ସାମ୍ବାଦିକ ଭାବରେ ତାଙ୍କର କେତେ ଖାତିର ଥିବ ଅନୁମାନ କରିବା କଥା ।

ସ୍ୱର୍ଗତ ଗୁରୁ ଜଣେ କୃଷକ ଭାବରେ କାର୍ଯ୍ୟ କରି କୃଷି ବିଭାଗ ଦ୍ୱାରା ପୁରସ୍କୃତ ହୋଇଥିଲେ । ଚାଷୀ ଭାବରେ ମଧ୍ୟ ସେ ଜଣେ ଏକନମ୍ବରୀ ଚାଷୀ । ସେ ପୈତୃକ ଜମି ଭାବରେ ନଅ ଏକର ପାଇଥିଲେ ଏବଂ ପରେ ନିଜ ଉଦ୍ୟମରେ ସାତ ଏକର ଜମି ନିଜେ କିଣିଥିଲେ । ମୃତ୍ୟୁ ସମୟରେ ତାଙ୍କ ପାଶ୍ ବୁକ୍‌ରେ ମୋଟେ ୨ ହଜାର ଟଙ୍କା ରହିଥିଲା । ବୁଢାରଜା ଓ ମୁଦିପଡାରେ ବେଦଖଲ ହୋଇ ବାର ଡେସିମିଲ୍ ଜମି ରହିଛି । ଜଣେ ନିସ୍ୱ ବ୍ୟକ୍ତି ଇହ ଜଗତରୁ ବିଦାୟ ନେଲେ । ରହିଗଲା ତାଙ୍କ ଏକନମ୍ବରୀ ଆଦର୍ଶ ।

ସାମ୍ବାଦିକ,
ବୁଢାରଜା,ସମ୍ବଲପୁର-୪